# ତହସିଲ କାର୍ଯ୍ୟାଳୟ,ଘଷିପୁରା

## ଲଘୁ ଖଣିଜ ଉତ୍ସ ଦୀର୍ଘମିଆଦି ଲିଜ ନିଲାମ ଇସ୍ତାହାର

**ପତ୍ରସଂଖ୍ୟା.5750 ତା.28.12.2020**

ଏତଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି ଯେ ଓଡିଶା ସରକାର ଙ୍କ ରାଜସ୍ୱ ଓ ବିପର୍ଯ୍ୟାୟ ପରିଚାଳନା ବିଭାଗ ଅଧିନସ୍ଥ ଘଷିପୁରା ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ସମ୍ପଦ ଖାଦାନ ଗୁଡିକ ଆଗାମୀ ୫ (ପାଞ୍ଚ) ବର୍ଷ(୨୦୨୦-୨୧ ବର୍ଷ ଠାରୁ ୨୦୨୪-୨୫) ନିମନ୍ତେ ଦୀର୍ଘମିଆଦି ଲିଜ ସୂତ୍ର ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rule– 2016 ର from "M " ପୂରଣ କରି ଏହାର 3 କପି ସହ ନିମ୍ନ ଲିଖିତ ଆବଶ୍ୟକୀୟ ଦସ୍ତାବିତ ସଂଲଗ୍ନ କରି sealed cover ରେ ତହସିଲଦାର, ଘଷିପୁରା ଙ୍କ କାର୍ଯ୍ୟାଳୟ ରେ ଥିବା Drop Box ରେ ବିଜ୍ଞାପନ ପ୍ରକାଶନ ତାରିଖ ର ପରଦିନ ଦିନ ଠାରୁ ଆସନ୍ତା ତା ୧୩.୦୧.୨୦୨୧ ରିଖ ଅପରାହଣ ୫.୩୦ ଘଟିକା ପର୍ଯ୍ୟନ୍ତ ପକାଇ ପାରିବେ (ଛୁଟିଦିନ ବ୍ୟତୀତ) । ପ୍ରାପ୍ତ ଦରଖାସ୍ତ ଗୁଡିକୁ ନିମ୍ନ ନିର୍ଦ୍ଧାରିତ ସ୍ଥାନ ,ତାରିଖ ଓ ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରତିନିଧି ଙ୍କ ଉପସ୍ଥିତିରେ Sealed Tender Box ଖୋଲାଯାଇ ଚୟନ ପ୍ରକ୍ରିୟା ସମ୍ପାଦନ କରାଯିବ । ଯେଉଁ ସୈରାତ ଉତ୍ସଗୁଡିକ ପାଇଁ ପ୍ରଥମ ତାରିଖରେ କୌଣସି ଦରଖାସ୍ତ ମିଳିନଥିବ ସେହି ଉତ୍ସପାଇଁ ପରବର୍ତ୍ତୀ ନିଲାମ ତାରିଖ ର ପୂର୍ବ ଦିବସ ଅପରାହଣ ୫.୩୦ ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ଗ୍ରହଣ କରାଯିବ ଓ ଧାର୍ଯ୍ୟ ସମୟରେ ପୂର୍ବପରି ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି ଓ ଚୟନ କରାଯିବ । ନିଲାମ ଧାର୍ଯ୍ୟ ତାରିଖ ପୂର୍ବ ଦିନ ଅପହରାହ୍ନ 5.30 ଘଟିକା ପରେ ପ୍ରାପ୍ତ ହୋଇ ଥିବା କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । କୌଣସି କାରଣ ନ ଦର୍ଶାଇ ଉକ୍ତ ନିଲାମକୁ ସଂଶୋଧନ, ଖାରଜ କିମ୍ବା ସ୍ଥଗିତ କରିବାର କ୍ଷମତା, କ୍ଷମତା ପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, କେନ୍ଦୁଝରଙ୍କ ର ରହିଅଛି । ଉତ୍ସଗୁଡିକର ବିବରଣୀ ଦରଖାସ୍ତ କରିବାର ନିୟମାବଳୀ ଓ ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳି କେନ୍ଦୁଝର ଜିଲ୍ଲା Web site , www.kendujhar.nic.in ଅଧିନରେ ଉପଲବ୍ଧ ହେବ ଓ ଅନ୍ୟ କୌଣସି ତଥ୍ୟ ଜାଣିବାପାଇଁ ଇଚ୍ଛୁକ ବ୍ୟକ୍ତି ଘଷିପୁରା ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଧାର୍ଯ୍ୟ ତାରିଖ ପୂର୍ବରୁ ଯେକୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରିବେ ।

**ଦୀର୍ଘମିଆଦି ଲିଜ ନିମନ୍ତେ ନିଲାମ ପର୍ଯ୍ୟାୟ**

ନିଲାମ ସ୍ଥାନ- ଘଷିପୁରା ତହସିଲ କାର୍ଯ୍ୟାଳୟ

ନିଲାମ ତାରିଖ ଓ ସମୟ –

୧ ମ ପର୍ଯ୍ୟାୟ ୧୩.୦୧.୨୦୨୧ ପୂର୍ବାହ୍ନ ୧୧.୩୦ ଘଟିକା

୨ ୟ ପର୍ଯ୍ୟାୟ ୨୦.୦୧.୨୦୨୧ ପୂର୍ବାହ୍ନ ୧୧.୩୦ ଘଟିକା

୩ ୟ ପର୍ଯ୍ୟାୟ ୨୭.୦୧.୨୦୨୧ ପୂର୍ବାହ୍ନ ୧୧.୩୦ ଘଟିକା

**ଦରଖାସ୍ତ ସହିତ ଆବଶ୍ୟକୀୟ ଦସ୍ତାବୀଜ:**

**୧. ଆଶାୟୀ ନିଲାମଦାର** ଦରଖାସ୍ତ ପାଉଣା ବାବଦ ଟ ୧୦୦୦ ଟଙ୍କା (ଅଣଫେରସ୍ତ)ର ଟ୍ରେଜରି ଚାଲାଣ (Head of Account-0853-Non-Ferrous Mining and Metallurgical Industries-102-Mineral Concession Fees, Rents and Royalties") ଦାଖଲ କରିବେ । ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ

.୨. ସୈରାତ ଉତ୍ସ ବାବଦ କୌଣସି ବକେୟା ଅର୍ଥ ନଥିବା ସମ୍ବଧୀୟ ସତ୍ୟପାଠ।

୩. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ସର୍ବନିମ୍ନ ରୟାଲଟି ଓ ସର୍ବନିମ୍ନ ଅତିରିକ୍ତ ଦେୟର ଶତକଡା ୦୫ (ପାଞ୍ଚ ) ଭାଗ ମୂଲ୍ୟର EMD (Earnest Money Deposit) ତହସିଲଦାର,ଘଷିପୁରା ଙ୍କ ନାମରେ Demand Draft ଦାଖଲ କରିବେ । [EMD =5% of Annual MGQ X (Royalty + Minimum Additional Charges)]

୪. A Solvency Certificate କିମ୍ବା ୧୮(ଅଠର )ମାସ ପର୍ଯ୍ୟନ୍ତ ବୈଧତା ରହିଥିବା Original Bank Guarantee ଦରଖାସ୍ତ ସହିତ ସଲଗ୍ନ କରିବେ , ଯାହାର ମୂଲ୍ୟ = Annual MGQ X (Royalty +Offered Additional Charges)] ଠାରୁ କମ ହୋଇନ ଥିବ ।

୫. ରାଜସ୍ୱ ଅଧିକାରୀ ଙ୍କ ଠାରୁ ପ୍ରାପ୍ତ ସ୍ଥାବର ସମ୍ପତ୍ତି ର ଏକ ତାଲିକା ଦରଖାସ୍ତ ସହିତ ସଲଗ୍ନ କରିବେ ।

୬. ଆବେଦନ କରିଥିବା ସୈରାତ ଉତ୍ସ ର ତଫସିଲ ସହ ଚୌହଦି ର ସଂପୂର୍ଣ୍ଣ ବିବରଣୀ ଓ ନକ୍ସା (ସମ୍ପୃକ୍ତ ସୈରାତ ଉତ୍ସ କୁ ପରିଦର୍ଶନ କରି ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ ନକ୍ସା ସହିତ ମେଳ କରି ) ଦରଖାସ୍ତ ସହିତ ସଂଲଗ୍ନ କରିବେ ।

୭. ଆବେଦନକାରୀ ନିଜର PAN Card , Adhar Card ଓ ଭୋଟର ପରିଚୟପତ୍ର ର ନକଲ ଏବଂ ଯୋଗାଯୋଗ ନିମନ୍ତେ Mobile No. ଦରଖାସ୍ତ ସହିତ ସଂଲଗ୍ନ କରିବେ ।

# ବିଶେଷ ସର୍ତ୍ତାବଳୀ

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟାମାବଳୀ ୨୦୧୬, ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟାମାବଳୀ, ୨୦୧୭ ଓ ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟାମାବଳୀ, ୨୦୧୮ ର ପରିସର ଭୁକ୍ତ ରହିବେ ।

୨. ସର୍ବୋଚ୍ଚ ଅତିରିକ୍ତ ଦେୟ ଦରଜ କରିଥିବା ଆବେଦନକାରୀ ଙ୍କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।ଯଦି ଏକ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ ଅତିରିକ୍ତ ଦେୟ ଦର୍ଶାଇଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀ ଚୟନକରାଯିବ ।

୩. ଯଦି ଦରଖାସ୍ତକରି ଧାର୍ଯ୍ୟ ଅତିରିକ୍ତ ଦେୟ ମୂଲ୍ୟଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତ କୁ ବିଚାରକୁ ନିଆଯିବ ନହିଁ ।

୪. ଚୟନ ହୋଇଥିବା ଲିଜଧାରି ଙ୍କୁ ଚୟନ ହେବାର ୭ ଦିନ ମଧ୍ୟ ରେ ଫର୍ମ "F" ରେ ସୂଚନା ଦିଆଯିବ ଏବଂ ସେ ଏହାର ୧୫ଦିନ ମଧ୍ୟରେ ସେହି ଉତ୍ସ ପାଇଁ ସ୍ଥିରୀକୃତ Security Money Deposit କରିବେ ।

୫. ଯଦି ମନୋନୀତ ସର୍ବୋଚ୍ଚ ନୀଲାମଧାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ Security Money Deposit ନ କରନ୍ତି ତେବେ ତାଙ୍କ ଦ୍ୱାରା ଦାଖଲ ହୋଇଥିବା EMD କୁ ବାଜ୍ୟାପ୍ତି କରାଯିବ ଓ ଦ୍ୱିତୀୟ ସର୍ବୋଚ୍ଚ ନୀଲାମାଧରୀ ଙ୍କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।

୬. ଯଦି ଦ୍ୱିତୀୟ ସର୍ବୋଚ ନିଲାମଧାରୀ ପ୍ରଥମ ସର୍ବୋଚ ନିଲାମଧାରୀ ଙ୍କ ଠାରୁ ଅକଳ୍ପନୀୟ କମ ଅତିରିକ୍ତ ଦେୟ ଦର୍ଶାଇଥାନ୍ତି ତେବେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିୟନ୍ତ୍ରଣ ପ୍ରାଧିକାରୀ ଙ୍କ ଅବଗତି ନିମନ୍ତେ ଜଣାଇଦିଆଯିବା ।

୭. ଯଦି ଦ୍ୱିତୀୟ ସର୍ବୋଚ ନିଲାମଧାରୀ ସ୍ଥିରୀକୃତ ସମୟ ସୀମା ମଧ୍ୟରେ ଲିଜ ନିମନ୍ତେ ନିଜ ର ସମ୍ମତି ପ୍ରଦାନ ନ କରନ୍ତି ତେବେ କ୍ଷମତା ପ୍ରାପ୍ତ ଅଧିକାରୀ , ପରବର୍ତ୍ତୀ ଉପରିସ୍ଥ ଅଧିକାରୀ ଙ୍କ ଅନୁମୋଦନ କ୍ରମେ ଉକ୍ତ ଉତ୍ସନିମନ୍ତେ Fresh Auction କରାଇପାରନ୍ତି

୮. ଲିଜଧାରି ଚୟନ ର ସମସ୍ତ ପ୍ରକ୍ରିୟା ଶେଷ ହେବାପରେ ଅନ୍ୟ ଅସଫଳ ଆବେଦନକରି ଙ୍କ E.M.D ଓ Bank Guarantee କୁ ଫେରସ୍ତ କରାଯିବ ।

୯. ଯଦି ଏହି ସଇରାତ ଉତ୍ସର Mining Plan ଅନୁମୋଦନ ଓ ପରିବେଶ ମଞ୍ଜୁରୀ କ୍ଷମତା ପନ୍ନ ଅଧିକାରୀ ଦ୍ୱାରା ସଂପୂର୍ଣ୍ଣ କରାଯାଇ ଥାଏ ତେବେ ଉକ୍ତ ଖର୍ଚ୍ଚ ରାଶି ଲିଜଧାରୀ ଚୁକ୍ତିପତ୍ର (Lease Deed) ସମ୍ପାଦନ ପୂର୍ବ ରୁ ଅଫିସ ରେ ଦାଖଲ କରିବେ (ଅଣଫେରସ୍ତ)। ଯଦି ଏହି କାର୍ଯ୍ୟ ପୂର୍ବରୁ କରାଯାଇ ନଥାଏ ତେବେ ଲିଜଧାରୀ ନିଜ ଖର୍ଚ୍ଚ ରେ ଅନୁମୋଦିତ Mining Plan ,ପରିବେଶ ମଞ୍ଜୁରୀ ଏବଂ ଓଡିଶା ସରକାର ଙ୍କ Pollution Control Board ରୁ CTE ଓ CTO ଆଣି ଦାଖଲ କରିବେ ।

ସେହି ଆର୍ଥିକ ବର୍ଷ ପାଇଁ ଡାକିଥିବା ଅତିରିକ୍ତ ଦେୟ , ଅନୁମୋଦିତ Mining Plan ଧାର୍ଯ୍ୟ ଗଚ୍ଛିତ ଖଣିଜ ଦ୍ରବ୍ୟ ର ରୟାଲଟି ,District Mineral Foundation, E.M.F , IT ର ଦେୟ ପଇଠ ହେଲା ପରେ ରେଜିଷ୍ଟ୍ରେଶନ Act.1908 ଓ ଷ୍ଟାମ୍ପ Act 1899 ଅନୁଯାଇ ଚୁକ୍ତିପତ୍ର (Lease Deed) ସମ୍ପାଦନ କରିବାପରେ ଉତ୍ସ ପରିଚାଳନା କରିବାକୁ ଯୋଗ୍ୟ ବିବେଚିତ ହେବେ ।

୧୨ . ଲିଜଧାରୀ ଜମା ଦେୟର 2% ଆୟକର(T.D.S) ବାବଦ କୁ ଚାଲାଣ ଆକାରରେ ଜମାକରିବେ ଏବଂ ରୟାଲଟି ର 10 % ଜିଲ୍ଲା ଖଣିଜ ପାଣ୍ଠି ଓ ଶତକଡା ୫ ଭାଗ ଅର୍ଥ, ପରିବେଶ ପରିଚାଳନା ପାଣ୍ଠି ଙ୍କୁ ଦେୟ ରୂପେ ପଇଠ କରିବାକୁ ପଡିବ ।

୧୪. ଲିଜ ଚୁକ୍ତିନାମା ସମ୍ପାଦନା ପରେ ଧାର୍ଯ୍ୟ ଅବଧି ଶେଷ ମଧ୍ୟରେ ଯଦି ଓଡିଶା ସରକାରଙ୍କ ଦ୍ୱାରା ସ୍ଥିରୀକୃତି ଅନୁସୂଚି ୨ (Schedule –II) ଉଲ୍ଲିଖିତ ଲଘୁ ଖଣିଜ ଦ୍ରବ୍ୟର ଦର ବୃଦ୍ଧି ଘଟେ ତାହେଲେ ଲିଜଧାରୀ ଦରବୃଦ୍ଧି ଅନୁଯାୟୀ ରୟାଲଟି ଦରବୃଦ୍ଧି ତାରିଖ ଠାରୁ ପଇଠ କରିବେ।

୧୫. ଲିଜରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ଉତ୍ସଗୁଡିକ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ ନେବା ପରେ ଉତ୍ସର ପରିଚାଳନା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ । ଲଘୁଖଣିଜ ପଦାର୍ଥଉତ୍ସର ପରିଚାଳନା ସମ୍ପର୍କରେ ପ୍ରକୃତିକ ବିପର୍ଜୟ ଦ୍ୱାରା କ୍ଷୟକ୍ଷତି ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନହିଁ ।

୧୬. ଲିଜଧାରି ନିଜ ଖର୍ଚ୍ଚରେ ସଇରାତ ଉତ୍ସର ନକ୍ସା ଅନୁଯାଇ ସିମେଣ୍ଟ ଖୁଣ୍ଟ ଦ୍ୱାରା ଚୌହଦି ଚିହ୍ନଟ କରିବା ସହିତ ଉତ୍ସର ସମ୍ମୁଖ ଭାଗରେ ଏକ Display Board ତିଆରିକରି ସେଥିରେ ସଇରାତ ଉତ୍ସର ସମସ୍ତ ତଥ୍ୟ ଉଲ୍ଲେଖ କରିବେ ।

୨୦. କୌଣସି କାରଣ ନ ଦର୍ଶାଇ ଉକ୍ତ ନିଲାମକୁ ସଂଶୋଧନ, ଖାରଜ କିମ୍ବା ସ୍ଥଗିତ କରିବାର କ୍ଷମତା, କ୍ଷମତା ପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, କେନ୍ଦୁଝରଙ୍କ ର ରହିଅଛି ।

୨୧. ସମ୍ବାଦପତ୍ର ରେ ବିଜ୍ଞପ୍ତି ପ୍ରକାଶନର ସମସ୍ତ ଖର୍ଚ୍ଚ ସର୍ବୋଚ୍ଚ ନିଲାମଧାରୀ ବହନ କରିବେ ।

୨୩. ଯଦି ଉକ୍ତ ଇସ୍ତାହାର ରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ /ପରିବର୍ତ୍ତନ କରିବାର କ୍ଷମତା , କ୍ଷମତାପନ୍ନ ଅଧିକାରୀଙ୍କର ଅଛି ।

୨୨. ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତିତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ।

୨୪. ନିଲାମ ପ୍ରକ୍ରିୟା ସମୟରେ ସମସ୍ତ ଆବେଦନକାରୀ COVID-19 ନିୟମ ଅନୁପାଳନ କରିବାକୁ ବାଧ୍ୟ ହେବେ ।

## ସୈରାତ ଉତ୍ସଗୁଡିକର ବିବରଣୀ

| କ୍ରମିକ ସଂଖ୍ୟା | ଲଘୁଖଣିଜାତ ଉତ୍ସ ନାମ | ମୌଜା | ଖାତା | ପ୍ଲଟ | ରକବା (ଏକରରେ) | ସର୍ବନିମ୍ନ ବାର୍ଷିକ ଗଚ୍ଛିତ ଥିବା ଖଣିଜ ପଦାର୍ଥର ପରିମାଣ (ଆନୁଷଙ୍ଗିକ) | ରୟାଲଟି ର ମୂଲ୍ୟ(ଘ. ମି ) | ଅତିରିକ୍ତ ଦେୟ |
|---|---|---|---|---|---|---|---|---|
| 1 | ବସନ୍ତପୁରା ପଥର ଖଣି | ବସନ୍ତପୁରା | ୬୨୦ | ୬୨୮ | ୧.୭୨ | ୫୦୦ | ୧୩୦/- | ୧୦.୦୦/- |
| 2 | ଓସ୍ତପୁରା ପଥର ଖଣି | ଓସ୍ତପୁରା | ୧୬୯ | ୯୦୫/୧ | ୧୩.୦୦ | ୮୧୮୩୭ | ୧୩୦/- | ୧୦.୦୦/- |
| 3 | ଜେନପଦା ମାଙ୍କଡା ପଥର ଖଣି | ଜେନପଦା | ୫୧ | ୮ | ୧୨.୩୫ | ୮୪୭୪ | ୧୮୦/- | ୧୦.୦୦/- |
| 4 | ଦାନ୍ତିଆ ମାଙ୍କଡା ପଥର ଖଣି | ଦାନ୍ତିଆ | ୧୪୧ | ୧୫ | ୦.୭୦ | ୨୬୫ | ୧୮୦/- | ୧୦.୦୦/- |
| 5 | ବିରଗୋବିନ୍ଦପୁର ପଥର ଖଣି | ବିରଗୋବିନ୍ଦପୁର | ୨୦୯ | ୭୨୪ | ୨.୩୮ | ୪୧୫ | ୧୩୦/- | ୧୦.୦୦/- |

ତହସିଲଦାର, ଘଷିପୁରା

ପରିପତ୍ର ସଂଖ୍ୟା 5751 ତାରିଖ 28.12.20

ଉକ୍ତ ନୋଟିସର ଏକକିତା ନକଲ ଜିଲ୍ଲାପାଳ,କେନ୍ଦୁଝର/ଉପଜିଲ୍ଲା ପାଳ ଆନନ୍ଦପୁର ଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଘଷିପୁରା

ପରିପତ୍ର ସଂଖ୍ୟା 5752 ତାରିଖ 28.12.20.

Copy to the D.I.O,NIC,Colletorate, Keonjhar for information with a request to upload this Tender Notice in the District website for its wide publication .

ତହସିଲଦାର, ଘଷିପୁରା

ପରିପତ୍ର ସଂଖ୍ୟା 5753 ତାରିଖ 28.12.20

ଉକ୍ତ ନୋଟିସର ଏକକିତା ନକଲ ନିର୍ବାହୀ ଯନ୍ତ୍ରୀ , ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଆନନ୍ଦପୁର / ନିର୍ବାହୀ ଯନ୍ତ୍ରୀ , ବୈତରଣୀ ବ୍ୟରେଜେ ପ୍ରକଳ୍ପ, ଆନନ୍ଦପୁର / ନିର୍ବାହୀ ଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଆନନ୍ଦପୁର / ନିର୍ବାହୀ ଅଧିକାରୀ , ଆନନ୍ଦପୁର ପୌର ପରିଷଦ /ତହସିଲଦାର ଆନନ୍ଦପୁର /ତହସିଲଦାର ହାଟଡ଼ିହି ,/ଗୋଷ୍ଠୀ ଉନ୍ନୟନ ଅଧିକାରୀ , ଘଷିପୁରା /ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆନନ୍ଦପୁର /ଗୋଷ୍ଠୀ ଉନ୍ନୟନ ଅଧିକାରୀ ହାଟଡ଼ିହି ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଘଷିପୁରା

ପରିପତ୍ର ସଂଖ୍ୟା 5754 ତାରିଖ 28.12.20.

ଉକ୍ତ ନୋଟିସର ଏକକିତା ନକଲ ଅତ୍ର ତହସିଲର ସମସ୍ତ ରାଜସ୍ୱ ନିରୀକ୍ଷକ/ସମ୍ପୃକ୍ତ ଗ୍ରାମପଞ୍ଚାୟତର ସରପଞ୍ଚ ଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯିବା ସହିତ ଯେପରି ଆଗ୍ରହୀ ବ୍ୟକ୍ତି ବିଶେଷ / ଅନୁଷ୍ଠାନ ଆଦି ନିର୍ଦ୍ଧାରିତ ସମୟରେ ନିଲାମ ଭାଗ ନେବେ ସେଥିପ୍ରତି ପଦକ୍ଷପ ନେବାକୁ ନିର୍ଦ୍ଦେଶ ଦିଆଗଲା ।ଅତ୍ର ତହସିଲ ନୋଟିସ ବୋର୍ଡ କୁ ନୋଟିସ ର ଏକକିତା ନକଲ ସର୍ବସାଧାରଣ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଘଷିପୁରା

୦୧୮